# Akashvani, Sambalpur

## SAMBALPURI NEWS EVENING BULLETIN

## 1 November 2025- 7.02 pm- 7.12 pm.

*********************************************

୧- ଭୁବ୍‌ନେଶ୍ୱର୍ ଇନ୍‌ଫୋଭେଲି ଠାନେ କମ୍ପାଉଣ୍ଡ୍ ସେମି କଣ୍ଡକ୍ଟର୍ ଫେବ୍ ଆଉ ଏ.ଟି.ଏମ୍.ପି.କେନ୍ଦ୍ର ଲାଗି ଭୂମିପୂଜନ୍ କଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ଆଇଆଇଟି ନ ନମୋ ସେମିକଣ୍ଡକ୍ଟର୍ ଲେବ୍ ଥାପ୍‌ନା ଲାଗି ୫ କୋଟି ଟଙ୍କା ଅନୁମୋଦନ୍ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ।

୨- ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ସୁଭଦ୍ରା ଶକ୍ତିମେଳାକେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

- ସୁଭଦ୍ରା ପୋର୍ଟାଲ୍‌ଥି ଆଏଜ୍‌ଠାନୁ ମୁଲ୍ ହେଲା ୨ ନମ୍ବର୍ ଖେପ୍ ଅନ୍‌ଲାଇନ୍ ଆବେଦନ୍ ।

ଆଉର୍

୩- ରାଜ୍ୟର୍ ୪୪ ଟା ତହସିଲ୍ ଅଫିସ୍ ନ ଆଏଜ୍‌ଠାନୁ ମୁଲ୍ ହେଲା ଜମି ପଞ୍ଜିକରଣ୍ ଆଉ ଘିନା ବିକା ।

ସେମିକଣ୍ଡକ୍ଟର୍ କେନ୍ଦ୍ର - ଶିଳାନ୍ୟାସ୍ I&PR

ବିଶ୍ୱ ସ୍ତରୀୟ ଇଲେକ୍ଟ୍ରୋନିକ୍ସ ଆଉ ସେମିକଣ୍ଡକ୍ଟର୍ ତିଆରି କ୍ଷେତ୍ରଥି ରାଜ୍ୟ ଗୁଟେ ମୁଖିଆ କେନ୍ଦ୍ର ହେବାର୍ ସହେତେ ପୂର୍ବୋଦୟର୍ ନେତୃତ୍ୱ ନେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଇନ୍‌ଫୋଭେଲି ନ କମ୍ପାଉଣ୍ଡ ସେମି କଣ୍ଡକ୍ଟର୍ ଫେବ୍ ଆଉ ଏଟିଏମ୍‌ପି କେନ୍ଦ୍ର ତିଆରିର୍ ଭୂମିପୂଜନ୍ ଆଉ ଶିଳାନ୍ୟାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍, ରାଜ୍ୟକେ ଉନ୍ନତ୍ ଇଲେକ୍ଟ୍ରୋନିକ୍ସ ଆଉ ସେମି କଣ୍ଡକ୍ଟର୍ ତିଆରିର୍ ମୁଖିଆ କେନ୍ଦ୍ର କର୍‌ବାର୍ ଦିଗେ ଇଟା ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ । ଆତ୍ମନିର୍ଭର୍ ଭାରତ୍ ଦିଗେ ଇଟା ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦେଖାବାର୍ ସହେତେ ରାଜ୍ୟର୍ ଆଗ୍‌କେ ବଢୁଥିବାର୍ ନୀତି ଆଉ ନୂଆଁ ଚିନ୍ତାଧାରା ଲାଗି ଅନୁକୂଳ ପରିବେଶ୍‌ର ପ୍ରମାଣ୍ ଦେଉଛେ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କେନ୍ଦ୍ର ସର୍‌କାର୍ ସେମି କଣ୍ଡକ୍ଟର୍, କୃତ୍ରିମ ବୁଦ୍ଧିମତା ଆଉ ଭିନ୍ ବୈଷୟିକ ପ୍ରଯୁକ୍ତି ବିଦ୍ୟା ନୀତି ଲାଗୁ କରିଛନ୍ । ସେଥିର୍‌ଭିତ୍‌ରୁ ରାଜ୍ୟକେ ଦେଶର୍ ସର୍ବୋତମ୍ ନିବେଶ୍ ଅନୁକୂଲ୍ ରାଜ୍ୟ ଭାବେ ଠାନ୍ ଦିଆଯାଇଛେ । ଭାରତୀୟ ସେମିକଣ୍ଡକ୍ଟର୍ ମିଶନ୍ ଜରିଏ ଅନୁମୋଦିତ୍ ଇ କମ୍ପାଉଣ୍ଡ୍ ସେମି କଣ୍ଡକ୍ଟର୍ ଫେବ୍ରିକେସନ୍ ପ୍ରକଳ୍ପ ୨ ହଜାର୍ ୬୭ କୋଟି ଟଙ୍କା ଖର୍ଚ୍ଚାଥି

ଥାପ୍‌ନା ହେବା । ଇ ପ୍ରକଳ୍ପ କାର୍ଯ୍ୟକ୍ଷମ୍ ହେଲେ ପାଖାପାଖି ୫ ହଜାର୍ ଲୁକ୍‌କୁ ନିଯୁକ୍ତି ମିଲ୍‌ବା ।

ସମାରୋହଥି କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଭାସୀ ଜରିଏ ଯୋଗ୍ ଦେଇକରି ଆଇଆଇଟି ଭୁବ୍‌ନେଶ୍ୱର୍ ନ ପାଓ୍ୱାର୍ ଇଲେକ୍ଟ୍ରୋନିକ୍ସ ହବ୍ ଥାପ୍‌ନା ଲାଗି ଘୋଷ୍‌ନା କରିଥିଲେ । ଶ୍ରୀ ବୈଷ୍ଣବ୍ ତାଙ୍କର୍ ଏମ୍‌ପି ଲେଡ୍ ଫଣ୍ଡ୍‌ନୁ ଭୁବ୍‌ନେଶ୍ୱର୍ ଆଇଆଇଟି ନ ଗୁଟେ ନମୋ ସେମିକଣ୍ଡକ୍ଟର୍ ଲେବ୍ ଥାପ୍‌ନା ଲାଗି ୫ କୋଟି ଟଙ୍କା ଅନୁମୋଦନ୍ କରିଛନ୍ । ଇତାର୍ ସହେତେ ଡାଟା ସେଂଟର୍ ପ୍ରକଳ୍ପକେ ଲୁଭାବାର୍ ଲାଗି ଆଉ ଆର୍ଟିଫିସିଆଲ୍ ଇଂଟଲଜେନ୍ସ କ୍ଷେତ୍ରଥି ତାଲିମ୍ ମୁଲ୍ କର୍‌ବାର୍ ଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍ ଲୋଡ଼ିଛନ୍ । ଇ ଅବ୍‌ସରେ ସେ କହିଛନ୍, ସାରା ଦେଶେ ୨ ଶହ ୯୮ ଟା ବିଶ୍ୱବିଦ୍ୟାଳୟ ନ ସେମିକଣ୍ଡକ୍ଟର୍ ତାଲିମ୍ ଦିଆଯାଉଛେ । ଓଡ଼ିଶାର୍ ରାଉର୍‌କେଲା ଏନ୍‌ଆଇଟି ଆଉ ବ୍ରହ୍ମପୁର୍ ଇଞ୍ଜିନିୟରିଂ କଲେଜ୍‌ର ପିଲାମାନେ ସେମି କଣ୍ଡକ୍ଟର୍ ଡିଜାଇନ୍ କର୍‌ବାର୍‌ଟା ରାଜ୍ୟ ଲାଗି ଗୌରବ୍‌ର ବିଷେ ଆଏ ବଲି ସେ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉପସ୍ଥିତ୍ ଥିଲେ ।

ସୁଭଦ୍ରା ଶକ୍ତିମେଳା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ମହିଳା ଉଦ୍ୟୋଗୀ ଆଉ ସାଂସ୍କୃତିକ୍ ପରମ୍ପରା କାର୍ଯ୍ୟକ୍ରମ୍ ସୁଭଦ୍ରା ଶକ୍ତିମେଳା କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟ ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ସହେତେ ମହିଳା ଆଉ ଶିଶୁ ବିକାଶ୍ ଆଉ ମିଶନ୍ ଶକ୍ତି ବିଭାଗ୍‌ର ବହୁତ୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ମୁଲ୍ ହେଇଥିବା ଇ ମେଳା ଆଏବା ୧୨ ତାରିଖ୍‌ତକ୍ ଚାଲ୍‌ବା ।

ସୁଭଦ୍ରା ଯୋଜ୍‌ନା ଆବେଦନ୍ ହି.ସ.

ସୁଭଦ୍ରା ଯୋଜ୍‌ନାଥି ନୂଆଁ ହିତାଧିକାରୀମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ଆବେଦନ୍ ମୁଲ୍ ହେଇଛେ । ନୂଆଁ ପଞ୍ଜିକରଣ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଇ ମାସ ୩୦ ତାରିଖ୍‌ତକ୍ ସୁଭଦ୍ରା ପୋର୍ଟାଲ୍ ଖୁଲା ରହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ନୂଆପଡ଼ା ଜିଲ୍ଲା ଛଡ଼ା ଅଲ୍‌ଗା ସବୁ ଜିଲ୍ଲାର୍ ଯୋଗ୍ୟ ହିତାଧିକାରୀ ପଞ୍ଜିକରଣ୍ ଲାଗି ଆବେଦନ୍ କରିପାର୍‌ବେ । ନିର୍ବାଚନ୍ ଆଚରଣ୍ ବିଧି ଲାଗୁ

ହେଇଥିବାର୍‌ନୁ ନୂଆପଡ଼ା ଲାଗି ଇହାଦେ ପଞ୍ଜିକରଣ୍ ନାଇଁ ହୁଏ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀଙ୍କର୍ କାର୍ଯ୍ୟାଲୟ ନ ଆଏଜ୍‌ଠାନୁ ମାହାଲିଆ ସୁଭଦ୍ରା ଆବେଦନ୍ ପତ୍ର ମିଲୁଛେ । ହିତାଧିକାରୀମାନେ ଭିଲ୍ ଆମ ସେବା କେନ୍ଦ୍ର ନାହେତ ଜନସେବା କେନ୍ଦ୍ର ନ ମାହାଲିଆ ଇଥିର୍‌ଲାଗି ପଞ୍ଜିକରଣ୍ କରିପାର୍‌ବେ । ନିୟମ୍ ଅନ୍‌ସାରେ ଯୋଗ୍ୟ ଆବେଦନ୍‌କାରୀମାନ୍‌କୁ ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ୨ ଟା କିସ୍ତିଥି ସୁଭଦ୍ରା ଆର୍ଥିକ୍ ସାହାଜ୍ ଦିଆଯିବା । ୨୦୨୬ ମସିହା ମାର୍ଚ୍ଚ ୮ ତାରିଖ୍ ସୁଭଦ୍ରା ନୂଆଁ ହିତାଧିକାରୀମାନ୍‌କୁ ଟଙ୍କା ମିଲ୍‌ବା ।

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଉ ୧୦ ଦିନ୍ ବାକି ରହିଛେ । ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍‌ର ଷ୍ଟାର୍ ପ୍ରଚାରକ୍‌ମାନେ ଭୋଟର୍ ମାନ୍‌କୁ ସେମାନ୍‌କର୍ ପଖିଆଥି ଭୋଟ୍ ଦେବାର୍ ଲାଗି ମତଉଛନ୍ । ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଆଉ ସାଂସଦ୍ ବୈଜୟନ୍ତ ପଣ୍ଡା ନିର୍ବାଚନ୍ ପ୍ରଚାର୍‌ଥି ଯୋଗ୍ ଦେଇଛନ୍ । ବେଲ୍‌ଟୁକ୍‌ରୀ ଠାନେ ହେଇଥିବା ନିର୍ବାଚନୀ ସଭାକେ ଶ୍ରୀ ପଣ୍ଡା

ଉଦ୍‌ବୋଧନ୍ ଦେଇଛନ୍ । ଇତାର୍ ଆଘୋନୁ ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ଼୍ ଏନ୍‌ଏସି ଥି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଦଳୀୟ ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନ୍ ପ୍ରଚାର୍ କରିଥିଲେ ।

କଂଗ୍ରେସ୍ ରାଜ୍ୟପ୍ରଭାରୀ ଅଜୟ କୁମାର୍ ଲଲୁ କୋମ୍‌ନା ବ୍ଲକ୍‌ର ୩ ନମ୍ବର୍ ଜିଲ୍ଲା ପରିଷଦ୍ ଜୋନ୍ ଥି ନିର୍ବାଚନୀ ପ୍ରଚାର୍ କରିଛନ୍ । ସେଆଡ଼େ ବିଜେଡ଼ି ପ୍ରାର୍ଥୀ ସେହାଙ୍ଗିନୀ ଛୁରିଆ ଆଏଜ୍ ନୂଆପଡ଼ା ବ୍ଲକ୍ ୭ ନମ୍ବର୍ ଜିଲ୍ଲା ପରିଷଦ୍ ଜୋନ୍‌ର ୬ ଟା ଗ୍ରାମ୍ ପଂଚାୟତ୍ ନ ନିର୍ବାଚନ୍ ପ୍ରଚାର୍ କରିଛନ୍ ।

ତହସିଲ୍ ଜମି ଘିନାବିକା I&PR/ସମ୍ବଲ୍‌ପୁର୍

ରାଜ୍ୟର୍ ୧୩ ଟା ଜିଲ୍ଲା ନ ୪୪ ଟା ତହସିଲ୍‌ଥି ନୂଆଁ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଖେପ୍ ଖେପ୍ କରି ରାଜ୍ୟର୍ ସବୁ ତହସିଲ୍ ନ ସବ୍‌ରେଜିଷ୍ଟ୍ରେସନ୍ ଅଫିସ୍ ଖୁଲାଯିବା । ସର୍‌କାରୀ ସେବା ସୁବିଧାଥି ପାଏବାର୍‌ଟା ହେଉଛେ ଲୁକ୍‌କର୍ ଅଧିକାର୍ ଲୁକ୍‌କୁ ସମ୍ମାନ୍‌ର ସହେତେ ଭଲ୍ ସେବା ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ୍‌ର କର୍ମଚାରୀମାନ୍‌କୁ ପରାମର୍ଶ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ଅନ୍‌ଲାଇନ୍‌ଥି ସ୍ଲଟ୍ ବୁକ୍ କରିକରି ତହସିଲ୍ ଅଫିସ୍ ନ ଜମି ଘିନାବିକା କରିହେବା । ପହେଲା ଖେପେ ସମ୍ବଲ୍‌ପୁର୍,

ବର୍‌ଗଡ଼୍, ଦେବ୍‌ଗଡ଼୍, ଅନୁଗୁଲ୍, ବଲାଙ୍ଗିର୍, ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲାର୍ ୪୪ ଟା ତହସିଲ୍ ଅଫିସ୍ ନ ଇ ସେବା ମୁଲ୍ ହେଇଛେ । ସମ୍ବଲ୍‌ପୁର୍ ଜିଲ୍ଲାର୍ ବାମ୍‌ରା, ଜମେନ୍‌କିରା, ନାକଟିଦେଉଲ୍, ଯୁଯୁମୁରା ଆଉ ମାନେଶ୍ୱର୍ ତହସିଲ୍‌ର ନୂଆଁ ଉପନିବନ୍ଧକ୍ କାର୍ଯ୍ୟାଲୟ ଇଥି ସାମିଲ୍ ଅଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ମୋଟ୍ ୩ ଶହ ୧୭ ଟା ତହସିଲ୍ ଭିତ୍‌ରୁ ୨ ଶହ ୧୭ ଟା ତହସିଲ୍ ନ ଆଘୋନୁ ସବ୍ ରେଜିଷ୍ଟ୍ରେସନ୍ ଅଫିସ୍ ଖୁଲାଯାଇଛେ । ଆଏଜ୍ ୪୪ ଟା ଖୁଲାଯାଇଥିବାର୍ ବେଲେ ବାକି ୫୬ ଟା ଖେପ୍ ଖେପ୍ କରି ଇ ବଛର୍ ଶେଷ୍‌ତକ୍ ଖୁଲ୍‌ବାର୍‌କେ ଯୋଜ୍‌ନା ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶ୍ରୀମନ୍ଦିର୍ ଫଂଚ୍‌କ                ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଫଂଚ୍‌କ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ଫଂଚ୍‌କଥି ସିଂହଦୁଆର ଦେଇକରି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର୍‌କେ ଯିବେ ଆଉ ଅଲ୍‌ଗା ୩ ଟା ଦ୍ୱାର ଦେଇକରି ବାହାର୍‌ବେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ଇ ବଛର୍ ଫଂଚ୍‌କ ୫ ଦିନ୍ ବଦ୍‌ଲା ୪ ଦିନ୍ ପାଲନ୍ କରାଯିବା । ଆଏବାକାଏଲ୍‌ଠାନୁ ଶ୍ରୀମନ୍ଦିର୍

ଫଂଚ୍କ ନୀତି ପାଲନ୍ କରାଯିବା ବଲି ଆମ୍ହର୍ ସମ୍ବାଦଦାତା ଜନେଇଛନ୍ ।

ମକ୍ଡ୍ରିଲ୍-ସମ୍ବଲ୍ପୁର୍ ସମ୍ବଲପୁର ସମ୍ବାଦଦାତା

ପରିବହନ୍ ଆଉ ଅଗ୍ନିଶମ ବିଭାଗ୍ ତର୍ଫୁ ସମ୍ବଲ୍ପୁର୍ ଅଇଁଠାପାଲି ବସ୍ଷ୍ଟେଣ୍ଡ୍ ନ ଆଏଜ୍ ଗୁଟେ ସଚେତନତା ବୈଠକ୍ ହେଇଯାଇଛେ । ବୈଠକ୍ଥି ବସ୍ ମାଲିକ୍ ସଂଘ କର୍ମକର୍ତାମାନେ ଯୋଗ୍ ଦେଇଥିଲେ । ଚାଲୁଥିବା ଯାତ୍ରୀବାହୀ ବସ୍ଥି ଜୁଏ ଲାଗ୍ଲେ ଯାତ୍ରୀମାନ୍କର୍ ଜୀବନ୍ କେନ୍ତା ବଂଚାଯାଇପାର୍ବା ସେ ବାବ୍ଦେ ବସ୍ ମାଲିକ୍ ମାନ୍କୁ ବତାଯାଇଥିଲା ।

କଲାହାଣ୍ଡି ଗଠନ୍ ଦିବସ୍ କଲାହାଣ୍ଡି ସମ୍ବାଦଦାତା

ଭବାନୀପାଟ୍ନା ଟାଉନ୍ହଲ୍ ଠାନେ ଆଏଜ୍ ୭୬ ନମ୍ବର୍ କଲାହାଣ୍ଡି ଜିଲ୍ଲା ଗଠନ୍ ଦିବସ୍ ପାଲନ୍ କରାଯାଇଛେ । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଜିଲ୍ଲାର୍ ଉନ୍ନତି ଦିଗେ ସମ୍କର୍ ସହଯୋଗ୍ କାମ୍ନା କରିଥିଲେ । ଇ ଅବ୍ସରେ ସଖାଲର୍ ୮ ବଜେ ଭବାନୀପାଟ୍ନାର୍ ମା ମାଣିକେଶ୍ୱରୀ ମନ୍ଦିର୍ନୁ ଗୁଟେ

ମଶାଲ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ୧୯୪୯ ମସିହା ନଭେମ୍ବର୍ ୧ ତାରିଖ୍ଥି କଲାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲା ଭାବେ ଓଡ଼ିଶା ମାନଚିତ୍ରଥି ଠାନ୍ ପାଇଥିଲା ।

ମିଶନ୍ ଶକ୍ତି କେଫେ       ସୁବର୍ଣ୍ଣପୁର୍ ସମ୍ବାଦଦାତା

ମଡ଼ିଆ ଦିବସ୍-୨୦୨୫ ପାଲନ୍ ଅବ୍ସରେ ସୁବର୍ଣ୍ଣପୁର୍ ନ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ୍ ଆଉ ମିଶନ୍ ଶକ୍ତି କେଫେ ଥାପ୍ନା ଲାଗି ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ଅଧ୍ୟକ୍ଷତା କରିଥିବାର୍ ବେଲେ କୃଷି ଆଉ ମିଶନ୍ ଶକ୍ତି ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେଇଥିଲେ । ସୁବର୍ଣ୍ଣପୁର୍ ଜିଲ୍ଲା ନ ୨୦ ଲାଖ୍ ଟଙ୍କା ଖର୍ଚ୍ଚାଥି ମିଶନ୍ ଶକ୍ତି କେଫେ ତିଆର୍ କରାଯିବା ବଲି ବୈଠକ୍ନୁ ଜନାପଡ଼ିଛେ ।

ଛାୟା ସଂସଦ୍ ପ୍ରତିଯୋଗିତା          ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ସମଗ୍ର ଶିକ୍ଷା ତର୍ଫୁ ଦେବ୍ଗଡ଼୍ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ନ ଜିଲ୍ଲାସ୍ତରୀୟ ଛାୟା ସଂସଦ୍ ପ୍ରତିଯୋଗିତା ହେଇଯାଇଛେ । ନୂଆଁକରି ମୁଲ୍ ହେଇଥିବା

ଇ ଛାୟା ସଂସଦ୍ ଜରିଏ ଛାତ୍ରଛାତ୍ରୀମାନ୍‌କର୍ ନେତୃତ୍ୱର୍ ବିକାଶ୍ ହେଇପାର୍‌ବା ବଲି ଅତିଥିମାନେ ମତ ଦେଇଥିଲେ । ପ୍ରତିଯୋଗିତାଥି ୪ ଟା ପିଏମ୍‌ଶ୍ରୀ ବିଦ୍ୟାଲୟନୁ ବଛା ହେଇକରି ଆସିଥିବା ୩୨ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ ।

ମାଛ୍ ଚାଷ୍- ତାଲିମ୍ ଶିବିର ବୌଦ୍ଧ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ କୃଷି ମନ୍ତ୍ରଣାଳୟର୍ ସହଯୋଗ୍‌ଥି ଗନ୍ଧରାଡ଼ି ଏଫ୍.ପି.ଓ. ର ସହଯୋଗ୍‌ଥି ବୌଦ୍ଧ ଜିଲ୍ଲାର୍ ମର୍ଜାକୁଦ ଗାଁ ନ ମାଛ୍ ଚାଷ୍ ତାଲିମ୍ ଶିବିର୍ ହେଇଯାଇଛେ । ବୌଦ୍ଧ ଜିଲ୍ଲା ନ ମଧୁର ପାଏନ୍ ଥି ମାଛ୍ ଚାଷ୍‌ର ବହୁତ୍ ସମ୍ଭାବନା ରହିଥିବାର୍ ଇ ଅବ୍‌ସରେ ଅତିଥି ମାନେ ଆଲୋଚନା କରିଥିଲେ । ସର୍‌କାର୍‌ଙ୍କର୍ ତର୍‌ଫୁ ମାଛ୍ ଚାଷୀମାନ୍‌କର୍ ଲାଗି କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଗୁଟେ ତଥ୍ୟଭିତିକ ଡକ୍ୟୁମେଂଟାରୀ ଭିଲ୍ ପ୍ରଦର୍ଶିତ୍ ହେଇଥିଲା ।

ଆନ୍ତଃବିଭାଗୀୟ ଫୁଟ୍‌ବଲ୍ ପ୍ରତିଯୋଗିତା/ସମ୍ବଲ୍‌ପୁର୍ ସମ୍ବାଦଦାତା

ପୂର୍ବତଟ ରେଲ୍‌ପଥ୍ କ୍ରୀଡ଼ା ସଂଗଠନ୍ ସମ୍ବଲ୍‌ପୁର୍ ତର୍‌ଫୁ ରେଲ୍‌ବାଇ ଷ୍ଟାଡ଼ିୟମ୍ ଠାନେ ଆନ୍ତଃବିଭାଗୀୟ ଫୁଟ୍‌ବଲ୍ ପ୍ରତିଯୋଗିତା -୨୦୨୫ ଉଦ୍‌ଯାପିତ୍ ହେଇଯାଇଛେ । ୨୫ ତାରିଖ୍‌ନୁ ଅକ୍ଟୋବର୍ ୩୦ ତାରିଖ୍‌ତକ୍ ହେଇଥିବା ପ୍ରତିଯୋଗିତାଥି ମଣ୍ଡଲ୍‌ର ଭିନ୍ ଭିନ୍ ବିଭାଗ୍‌ର ୮ ଟା ଦଲ୍ ଭାଗ୍ ନେଇଥିଲେ । ଉଦ୍‌ଯାପନୀ ସମାରୋହଥି ସମ୍ବଲ୍‌ପୁର୍‌ର ମଣ୍ଡଲ୍ ରେଲ୍ ପ୍ରବନ୍ଧକ୍ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ବିଜେତା ଇଞ୍ଜିନିୟରିଂ ଦଲ୍‌କେ ପୁରସ୍କୃତ୍ କରିଥିଲେ ।